## ବେଆଇନ ଚୋରା ଶାଳକାଠ ଗାଡ଼ି ଜବତ

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ରେଞ୍ଜ ଅଧୀନ ମଙ୍ଗଳବାର ରାତି ୯ଟାରେ ନକୁଳକର ଆଡ଼କୁ ଯାଉଥିବା ବେଳେ ଗୋବିନ୍ଦପୁରା ଛକଠାରେ ଏକ ଶାଳକାଠ ବୋଝେଇ ଟାଟା ଏସିଇକୁ ନୀଳଗିରି ବନ ଅଧିକାରିଣୀ ଆଇସା ଅକ୍ତର ନିସା ସଦଳବଳେ ଜବତ କରି ଜାମୁଡ଼ିଆ ନର୍ସରିକୁ ଆଣିଥିଲେ। ଉକ୍ତ ଟାଟାଏସିଇରେ ୧୦ଟି ଶାଳ କାଠ ରହିଥିଲା। ଟାଟା ଏସିଇ ଜବତ ହୋଇଛି। ଧରମପୁର ଗ୍ରାମର ଡ୍ରାଇଭର ସନ୍ତୋଷ ବେହେରାଙ୍କ ନାମରେ ମାମଲା ରୁଜୁ ହୋଇ ଗିରଫ କରାଯାଇଛି।

**ବାଲେଶ୍ୱର**

## ସୁଶାନ୍ତ ଜିଲା ଷ୍ଟାଣ୍ଡିଂ କମିଟି ସଦସ୍ୟ ମନୋନୀତ

ବାହାନଗା, ୧୪।୨(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ପରିଷଦ ପକ୍ଷରୁ ଏକ ସ୍ଥାୟୀ କମିଟି ବା ଜିଲା ଷ୍ଟାଣ୍ଡିଂ କମିଟିରେ ସଦସ୍ୟ ଭାବେ ସାହାସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ପଣ୍ଡାଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ମନୋନୀତ କରିଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ଜଣାପଡିବା ପରେ ପଣ୍ଡା ମୁଖ୍ୟମନ୍ତ୍ରୀ ଓ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକଙ୍କ ପାଖରେ ପହଞ୍ଚାଇବା ଓ ଓଡିଶା ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ କରିବା ନିମନ୍ତେ ଜିଲା ପରିଷଦ ପକ୍ଷରୁ ଗଢାଯାଇଥିବା ଷ୍ଟାଣ୍ଡିଂ କମିଟି ବା ଉନ୍ନୟନ କମିଟିରେ ସୁଶାନ୍ତ ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ କମିଟିରେ ସହଯୋଗୀ ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି।

# ବାମପଦାଠାରେ ଓଭରବ୍ରିଜ ଲାଗି ଶିଳାନ୍ୟାସ

### ପୂରଣ ହେଲା ଦୀର୍ଘଦିନର ଦାବି

ବାଲେଶ୍ୱର, ୧୪।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ବାମପଦା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ରେଳ ଲେଭଲ କ୍ରସିଂ ଉପରେ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ବେଳେ ଏହା ପୂରଣ ହୋଇଛି। ଓଭରବ୍ରିଜ୍ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଛନ୍ତି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହାକୁ ଶିଳାନ୍ୟାସ କରିଥିଲେ। ବାମପଦା ସୁରକ୍ଷା ମଞ୍ଚର ସାଙ୍ଗଠନିକ ଦକ୍ଷତାକୁ ପ୍ରଶଂସା କରିବା ସହ ଆଗକୁ ଏଭଳି ଉଦ୍ୟମ ଜାରି ରହିଲେ ରେମୁଣାର ସର୍ବାଙ୍ଗୀନ ଉନ୍ନତି ପାଇଁ ସର୍ବଦା




ଆୟୋଜିତ ସଭାରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ଆଗେଇ ଆସିବେ ବୋଲି କହିଥିଲେ। ମଞ୍ଚର ସଦସ୍ୟ କୃଷ୍ଣଚନ୍ଦ୍ର ସାହାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଭାପତି ବିଶ୍ୱଜିତ ଘୋଷ ସୁରକ୍ଷା ମଞ୍ଚର ଉତ୍ପତ୍ତି ଏବଂ ତାର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଗୋବିନ୍ଦ ଚନ୍ଦ୍ର ଦାସ ଏମ୍‌ପି ଷଡ଼ଙ୍ଗୀଙ୍କ ସମୟରେ ରେମୁଣାରେ ସର୍ବାଧିକ ବିକାଶମୂଳକ କାର୍ଯ୍ୟ ହୋଇଥିବାରୁ ଧନ୍ୟବାଦ ଜଣାଇଥିଲେ। ରେମୁଣା ବ୍ଲକ ପୂର୍ବତନ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ, ମଞ୍ଚର ଉପଦେଷ୍ଟା ରବୀନ୍ଦ୍ର ରାଉତ, ଧୀରେନ୍ଦ୍ର ମହାପାତ୍ର, ନିରଞ୍ଜନ ଦାସ, ସୀତାରାମ ପ୍ରଧାନ, ସରସ୍ୱତୀପୁର ସରପଞ୍ଚ କୈଳାଶ ସ୍ୱାଇଁ, ସୁତେଇ ସରପଞ୍ଚ କବିତା ମାହାନ୍ତି, ବାଲିଆ ସରପଞ୍ଚ ନିତାୟୀ ଚରଣ ନାୟକ, ସମିତିସଭ୍ୟ ତ୍ରିଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର ସଦସ୍ୟ ବିପିନ ମାରାଣ୍ଡି ଧନ୍ୟବାଦ ଦେଇଥିଲେ।

## ଆହତ ନାଗସାପକୁ ବଞ୍ଚାଇବାକୁ ଉଦ୍ୟମ

ସୋର, ୧୪।୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମାଣିପୁର ଗ୍ରାମର ଦେବେନ୍ଦ୍ର ବେହେରା ଘର ବାଡି ସଫା କରୁଥିବା ବେଳେ କୋଦାଳ ଚୋଟ ବାଜି ଏକ ନାଗ ଆହତ ହୋଇଥିଲା। ସାପକୁ ବଞ୍ଚାଇବା ପାଇଁ ଦେବେନ୍ଦ୍ର ସାପକୁ ଧରି ସୋର ପ୍ରାଣୀଧନ ଚିକିତ୍ସାଳୟ, ବାଲେଶ୍ୱର ପ୍ରାଣୀଧନ ମୁଖ୍ୟ ଚିକିତ୍ସାଳୟ ଓ ବନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ କେହି ସହଯୋଗ ନ କରିବାରୁ ସେ ନିରାଶ ହୋଇ ଘରକୁ ଫେରି ଗ୍ରାମ ଶିବ ମନ୍ଦିର ନିକଟରେ ସାପକୁ ଛାଡି ଦେଇଛନ୍ତି।

## ପ୍ରଶାସନ ସହିତ ଚୁକ୍ତିବଦ୍ଧ ହେଲେ ଆର୍‌ଆଇଏଲ୍‌ଏମ



ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ।

### ସମ୍ପୂର୍ଣ୍ଣ ସାକ୍ଷରତା ପାଇଁ ଏମ୍‌ଓୟୁ

ବାଲେଶ୍ୱର,୧୪।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାକୁ ସମ୍ପୂର୍ଣ୍ଣ ସାକ୍ଷରତା କରିବା ଦିଗରେ ଜିଲା ପ୍ରଶାସନ ଓ ରୋଟାରୀ ଇଣ୍ଡିଆ ଲିଟେରେସି ମିଶନ(ଆର୍‌ଆଇଏଲ୍‌ଏମ୍) ମଧ୍ୟରେ ବୁଧବାର ଜିଲାପାଳଙ୍କ କନଫରେନ୍ସ ହଲ୍‌ରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, ଜିଲା ପ୍ରଶାସନ ତରଫରୁ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଓ ପୂର୍ବତନ ପ୍ରାନ୍ତ ପାଳ ତଥା ରୋଟାରୀ ଜିଲା ଲିଟେରେସି ମିଶନର ଜାତୀୟ କମିଟି ସଦସ୍ୟ ଶାନ୍ତନୁ କୁମାର ପାଣି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଆର୍‌ଆଇଏଲ୍‌ଏମ୍ ଜାତୀୟ କମିଟି ସଦସ୍ୟ ପାଣି ସମ୍ପୂର୍ଣ୍ଣ ସାକ୍ଷରତା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜାତୀୟ ସ୍ତରରେ ନିରକ୍ଷରତା ହାର ୨୬% ଥିଲା ବେଳେ ବାଲେଶ୍ୱର ଜିଲା ସ୍ତରରେ ଏହା ୨୦.୧୧% ଅଟେ। ପୂର୍ବରୁ ଆର୍‌ଆଇଏଲ୍‌ଏମ୍‌ର ଜାତୀୟସ୍ତରରେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନର ଅଂଶ ଭାବେ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର, ଫକୀରମୋହନ ବିଶ୍ୱବିଦ୍ୟାଳୟ ମିଳିତ ପ୍ରୟାସରେ ନୀଳଗିରି ଓ ରେମୁଣା ବ୍ଲକର ୬୫୫ ହିତାଧିକାରୀଙ୍କୁ ନେଇ ୧୮ଟି ସେଣ୍ଟରରେ ସନ୍ଧ୍ୟା ସମୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଜିଲା ପ୍ରଶାସନ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱରକୁ ଏହି ମହତ କାମରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ଆଗେଇ ଆସିଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ଏହି ପ୍ରୋଜେକ୍ଟର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଜିଲା ପ୍ରଶାସନର ସମସ୍ତ ବିଭାଗର ଯୋଗଦାନ କିପରି ରହିବ ତାହା ଉପରେ ଏକ ରୋଡ଼ ମ୍ୟାପ୍ ଉପସ୍ଥାପନ କରିଥିଲେ। ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ମୁଖ୍ୟ ଉପଦେଷ୍ଟା ସୁବ୍ରତ କର ଓ ୨୫-୨୬ର ସଭାପତି ଦେବାଶିଷ ଦାସ, ପୂର୍ବବର୍ଷର ସଭାପତି ଇଂ. ସୌରଭ କୁମାର ବେହେରା, ବାଲେଶ୍ୱରର ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ହାୟର ଏଜୁକେଶନ ରିଜିଓନାଲ ଡାଇରେକ୍ଟର ଡ. ହେମନ୍ତ କୁମାର ଘଡ଼େଇ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବିଭାଗ ମୁଖ୍ୟ ଡ. ଅମୂଲ୍ୟ ଆଚାର୍ଯ୍ୟ ଓ ଏଡ଼ିଡବ୍ଲ୍ୟୁଓ ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମନ୍ଦିରର କବାଟ ତାଲା ଭାଙ୍ଗି ଚୋରି

କାଳିପଦା, ୧୪।୨(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ଥାନା ଅସ୍ତି ପଞ୍ଚାୟତ ବଡ଼ମଇଁଷି ଆଡ଼ି ଜଗନ୍ନାଥ ମନ୍ଦିରର କବାଟ ତାଲା ଭାଙ୍ଗି ମଙ୍ଗଳବାର ରାତିରେ ଚୋରି ହୋଇଛି। ଚୋରମାନେ ଶ୍ରୀଜୀଉମାନଙ୍କର ସମସ୍ତ ଗହଣା, ପୂଜା ଥାଳି, ବାସନକୁଶନ, ରୁପା ଓ ସୁନା ଅଳଙ୍କାର ତଥା ଆସବାବପତ୍ର, ଠାକୁରଙ୍କ ହୁଣ୍ଡି ଲୁଟି ନେଇ ପଳାଇଯାଇଛନ୍ତି। ଅଳଙ୍କାର ଓ ଆସବାବପତ୍ରର ଆନୁମାନିକ ମୂଲ୍ୟ ୪୦ହଜାରରୁ ଅଧିକ ହେବ। ଗ୍ରାମବାସୀ ଜଣାଇଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ ଏଥିରେ ସମ୍ପୃକ୍ତି ଥାଇପାରେ ବୋଲି ମନ୍ଦିର ପାର୍ଶ୍ୱବର୍ତ୍ତୀ ଲୋକମାନେ ପ୍ରକାଶ କରିଛନ୍ତି।

## ମହୋତ୍ସବ ପୁରୁଣା କଥାକୁ ମନେ ପକାଇ ନୂତନତାକୁ ଆଗେଇ ନିଏ

ବାଲିଆପାଳ, ୧୪।୨(ଗୋପାଳ ଚନ୍ଦ୍ର ସାହୁ)

ମହୋତ୍ସବ ପୁରୁଣା କଥାକୁ ମନେ ପକାଇ ନୂତନତାକୁ ଆଗେଇ ନିଏ ବୋଲି ମଙ୍ଗଳବାର ବାଲିଆପାଳ ମହୋତ୍ସବର ନବମ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟି ବରିଷ୍ଠ ସଦସ୍ୟ ଅରୁଣ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ସତ୍ୟଶିବ ଦାସ ଏବଂ ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ତଥା ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ଦେଉଳ ସରପଞ୍ଚ ସରୋଜ କୁମାର ପିଳା ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଦସ୍ୟ ବ୍ୟୋମକେଶ ସାହୁ ମଞ୍ଚ ଆହ୍ୱାନ, କମିଟି ସଦସ୍ୟ ପ୍ରଦୀପ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦସ୍ୟ ବିଜୟ ସାମଲ ଧନ୍ୟବାଦ ଦେଇଥିଲେ। କମିଟି ଆବାହକ ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ଉପଦେଷ୍ଟା ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ପୂର୍ବତନ ସରପଞ୍ଚ ମୁରଲୀମୋହନ ସାହୁ ଦାୟିତ୍ୱ ତୁଲାଇଥିଲେ।

## ଜାମୁକୁଣ୍ଡା ଦଳ ଚାମ୍ପିୟନ

### ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

ରୂପସା, ୧୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ ବାଖରାବାଦ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଯାଜପୁର ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ଜାମୁକୁଣ୍ଡା ଦଳ ଚାମ୍ପିୟନ ହୋଇଛି। ନ୍ୟାଶନାଲ ରେଫେରି ଧନଞ୍ଜୟ ତ୍ରିପାଠୀ, କମଳାକାନ୍ତ ବେହେରା ଓ ମାନସ ମିଶ୍ର, ଷ୍ଟେଟ ରେଫେରି ରଞ୍ଜନ କୁମାର ସାହୁ, ଦେବାଶିଷ ଧର ମହାପାତ୍ର ଓ ହିମାଦ୍ରୀ ମଣ୍ଡଳ ମ୍ୟାଚ ପରିଚାଳନା କରିଥିଲେ। କ୍ଲବ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ସମ୍ମାନିତ ଅତିଥି ଡା. ସାଗରିକା ଦାସ, ଅଧ୍ୟାପକ ରାଜକିଶୋର ପଣ୍ଡିତ, ରାଉତପଡ଼ା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ବ୍ୟବସାୟୀ ସହଦେବ ବେହେରା ପ୍ରମୁଖ



ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ବିଜେତା ଟ୍ରଫି ପ୍ରଦାନ କରୁଛନ୍ତି।

ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୬ ହଜାର ଓ ରନର୍ସ ଅପ୍ ଦଳକୁ ୪ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କର୍ମକର୍ତ୍ତା ଗଣେଶ ପାଢ଼ୀଙ୍କ ମଞ୍ଚ ସଂଯୋଜନାରେ ଯୁବ ପ୍ରତିଭାବାନମାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଞ୍ଜୀବ କୁମାର ଲେଙ୍କା ଟୁର୍ନାମେଣ୍ଟ ବିବରଣୀ ପାଠ କରିଥିଲେ। କମେଣ୍ଟେଟର ରମେଶ ବେହେରା ଓ ରାଜା ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ଉପସଭାପତି ରବୀନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ସୁମନ ସେନାପତି, ଚିତ୍ତରଞ୍ଜନ ପଣ୍ଡା, ଚନ୍ଦ୍ରକାନ୍ତ ସେଠୀ, ସଞ୍ଜୟ ଗିରି, ରଥ ହେମ୍ବ୍ରମ, ସୁଶାନ୍ତ ବାରିକ ଓ ଆକାଶ ଗାଁଣ ପ୍ରମୁଖ ଟୁନମେଣ୍ଟ ପରିଚାଳନା କରିଥିଲେ।

**ମୟୂରଭଞ୍ଜ**

## ମୋରଡ଼ା ଥାନାରେ ଆଇଆଇସି ନିଯୁକ୍ତି ଦାବି

ମୋରଡ଼ା,୧୪।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଓ ସମ୍ବେଦନଶୀଳ ଅଞ୍ଚଳ। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏହା ଅଧିକ ଗୁରୁତ୍ୱ ବହନ କରେ। ତେବେ ଦୀର୍ଘ ବର୍ଷ ହେଲା ଏହି ଥାନାରେ କୌଣସି ଆଇଆଇସିଙ୍କ ନିଯୁକ୍ତି ହୋଇନାହିଁ। ପୂର୍ବରୁ ଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ ସବ୍ ଇନ୍ସପେକ୍ଟର ସତ୍ୟନାରାୟଣ ବଳ ଥାନା ଅଧିକାରୀ ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି। ଆଗକୁ ସାଧରଣ ନିର୍ବାଚନ ଥିବାରୁ ଏଠାରେ ଆଇଆଇସି ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୋଟିଏ ସ୍ଥାନରୁ ନିରୀକ୍ଷଣ ହେବ ସହର

- ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରର ଶିଳାନ୍ୟାସ
- ପୌରପରିଷଦ ସ୍ତରରେ ରାଜ୍ୟରେ ପ୍ରଥମ ସେବା ବାରିପଦାରୁ ଆରମ୍ଭ

ବାରିପଦା,୧୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରପରିଷଦ ପକ୍ଷରୁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଗୃହର ବୁଧବାର ଶିଳାନ୍ୟାସ କରାଯାଇଛି। ବାରିପଦା ସହର ଅଞ୍ଚଳର ସମସ୍ତ ସ୍ଥାନକୁ ଗୋଟିଏ ସ୍ଥାନରେ ବସି ନିରୀକ୍ଷଣ କରିବା ପାଇଁ ବାରିପଦା ପୌରପରିଷଦ ପକ୍ଷରୁ ଉକ୍ତ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାକି ପୌରପରିଷଦ ସ୍ତରରେ ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ ବାରିପଦା ପୌରପରିଷଦ ପକ୍ଷରୁ ପ୍ରୟାସ କରାଯାଇଛି।

ସୂଚନା ଅନୁଯାୟୀ, ବାରିପଦା ପୌରପରିଷଦ ଅଞ୍ଚଳରେ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସମ୍ପତ୍ତିର ଠିକ୍ ଭାବେ ନିରୀକ୍ଷଣ କରିବା,



ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ଅନ୍ୟମାନେ।

ବାରିପଦାରେ ଥିବା ଆଶ୍ରୟ ଗୃହ, ୱେଲ୍ଲୁ ସେଣ୍ଟର, ସୌନ୍ଦର୍ଯ୍ୟକରଣ ହୋଇଥିବା ପୋଖରୀ, ସ୍ୱଚ୍ଛତା ଆଦିକୁ ଗୋଟେ ସ୍ଥାନରେ ରହି ସିସିଟିଭି ମାଧ୍ୟମରେ ନିରୀକ୍ଷଣ କରାଯିବ। ବାରିପଦା ପୌରପରିଷଦ ଅଞ୍ଚଳରେ ୧କୋଟି ୪୦ଲକ୍ଷ ଟଙ୍କା ବିନିଯୋଗରେ ୧୨୭ଟି ସ୍ଥାନରେ ସିସିଟିଭି ଲଗାଯିବା ସହ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି। ଉକ୍ତ ସିସିଟିଭି ଜରିଆରେ ପୌରପରିଷଦର ସମ୍ପତ୍ତି ଉପରେ ତୀକ୍ଷ୍ଣ ନଜର ରଖି ନିରୀକ୍ଷଣ କରାଯିବ। ଏଥି ସହିତ ପ୍ରତି ୱାର୍ଡରେ ହେଉଥିବା ସ୍ୱଚ୍ଛତା କାର୍ଯ୍ୟର ସ୍ଥିତି ନେଇ ଅନୁଧ୍ୟାନ କରିବା ସହ ଜନ ଅଭିଯୋଗ ଗୁଡ଼ିକର ମଧ୍ୟ ନିରୀକ୍ଷଣ କରାଯାଇ, ଉକ୍ତ ସେଣ୍ଟର ଜରିଆରେ କମାଣ୍ଡ ପ୍ରଦାନ କରାଯିବ ବୋଲି ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଆଗକୁ ଲୋକଙ୍କ ଜନଅଭିଯୋଗକୁ ଡିଜିଟାଲାଇଜ କରି ଉକ୍ତ ଇଣ୍ଟିଗ୍ରେଟେଡ଼ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଜରିଆରେ ଅନୁଧ୍ୟାନ କରି ୨୪ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବାକୁ ବ୍ୟବସ୍ଥା କରାଯିବ ବୋଲି ମଧ୍ୟ କହିଛନ୍ତି। ଆଗକୁ ସିସିଟିଭି ସଂଖ୍ୟା ୧୦୦୦କୁ ବୃଦ୍ଧି କରାଯିବା ସହ ଆବଶ୍ୟକ ସ୍ଥଳେ ପୋଲିସ ଓ ଅନ୍ୟ ବିଭାଗକୁ ମଧ୍ୟ ସହାୟକ ହୋଇପାରିବ ବୋଲି ଡାଇମେନସନ ଡିଜିଟାଲ କଣ୍ଟ୍ରୋଲ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ସୁଦେଶ ରଞ୍ଜନ ରାୟ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ସଂସ୍ଥାର କର୍ମଚାରୀ ସୁଦେଶ ରଞ୍ଜନ ରାୟ ଏବଂ ସମସ୍ତ ୱାର୍ଡ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ବେତନଟୀରେ ଗଡ଼ିଲା ଲକ୍ଷ୍ମୀ ବସ୍

ବେତନଟୀ(ଧରଣୀଧର ମହାନ୍ତି)/ ବୈଶିଙ୍ଗା(ରତନ ଦାଶ),୧୪।୨

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ମୁଖ୍ୟାଳୟଠାରୁ ମଙ୍ଗଳବାର ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ବିଭିନ୍ନ ପଞ୍ଚାୟତକୁ ୩ ବସ୍ ଚଳାଚଳ କରିବାକୁ ଥିବାବେଳେ ଗୋଟିଏ ବସ୍ ଚଳାଚଳ କରିଛି। ଏହି ବସ୍‌ରେ ଯାତ୍ରୀ ଭଡ଼ା ସର୍ବନିମ୍ନ ୫ ଟଙ୍କାରୁ ନେଇ ସର୍ବାଧିକ ୩୦ ଟଙ୍କା ପର୍ଯ୍ୟନ୍ତ ଦୂରତା ଆଧାରରେ ଧାର୍ଯ୍ୟ କରାଯାଇଛି। ମହିଳା, ଦିବ୍ୟାଙ୍ଗ ଓ ବିଦ୍ୟାର୍ଥୀଙ୍କ ନିମନ୍ତେ ସର୍ବାଧିକ ମାତ୍ର ୫ ଟଙ୍କା ଭଡ଼ା ହିଁ ସ୍ଥିର କରାଯାଇଛି। କଳମା, ମହିଶାସୁଳ ଓ ଆମ୍ବଗଡ଼ିଆ ପଞ୍ଚାୟତ ମୁଖ୍ୟାଳୟରୁ ମୋଟ ୩ଟି ବସ୍ ବାହାରି ବ୍ଲକ ଅଧୀନ ସମସ୍ତ ୨୪ଟି ପଞ୍ଚାୟତ ପରିକ୍ରମା କରି ବେତନଟୀଠାରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଏହି ଅବସରରେ ବେତନଟୀ ବସ୍‌ଷ୍ଟାଣ୍ଡ ପରିସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା କୌଶଲ୍ୟା ମାଝି ଏବଂ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଅମୃତ କୁମାର ରାଉଳ, ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ୩୫ନଂ.ଜୋନ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ମୁକ୍ତାପୁର ସମିତିସଭ୍ୟ ବିବେକାନନ୍ଦ ମହାନ୍ତ ଯୋଗ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏକ ବସ୍ ବ୍ଲକ ମୁଖ୍ୟାଳୟ ବେତନଟୀଠାରୁ ଜିଲା ମୁଖ୍ୟାଳୟ ବାରିପଦା ପର୍ଯ୍ୟନ୍ତ ଦୈନନ୍ଦିନ ଚଳାଚଳ କରିବା ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି।

## କଂଗ୍ରେସ ପଶ୍ଚିମ ମୟୂରଭଞ୍ଜ ସଂଗଠନର ନୂଆ ସଭାପତି

ରାଇରଙ୍ଗପୁର,୧୪।୨(ମାନସ ମହାନ୍ତି)

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପଶ୍ଚିମ ମୟୂରଭଞ୍ଜ ଜିଲା ଶାଖା ସଂଗଠନର ନୂତନ ସଭାପତି ଭାବେ ଭୂବନ ବିହାରୀ ସାହୁଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ ରାଜ୍ୟ ଯୁବ କଂଗ୍ରେସର ସମ୍ପାଦକ ସହ ରାଜ୍ୟ ଏବଂ ମୟୂରଭଞ୍ଜ ଜିଲା ସଂଗଠନର ବିଭିନ୍ନ ପଦବୀରେ ରହିଥିଲେ। ଦଳୀୟ ସଂଗଠନ ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସର ହରିଚରଣ ସାହୁ, ଭାଗିରଥି ପାତ୍ର, ଅଶୋକ କୁମାର ଅଗ୍ରୱାଲ, ଅଜୟ ରାଉତ, ବସନ୍ତ କୁମାର ପଟ୍ଟନାୟକ, ଶୁଶିଲ କୁମାର ମହାନ୍ତି, ଇନ୍ତେଖାନ ଆଲମ, ଉପେନ୍ଦ୍ର ମଣ୍ଡଳ ଓ ସାମାଜିକ କର୍ମୀ ମନୋରଞ୍ଜନ ମହାନ୍ତିଙ୍କ ସମେତ ଯୁବ ଏବଂ ମହିଳା କର୍ମକର୍ତ୍ତା ନୂତନ ସଭାପତି ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାତୃ ପିତୃ ପୂଜନ ଦିବସ

ବଡ଼ସାହି,୧୪।୨ (ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଭାଲେନ୍ଟାଇନ ଡେ ପରିବର୍ତ୍ତେ ସରସ୍ୱତୀ ପୂଜା ଅବସରରେ ପିତୃମାତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେତେଜଣ ମାତାପିତାଙ୍କ ସହିତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ପିଲାମାନେ ଯଥାରୀତି ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁଜୀ କାର୍ତ୍ତିକ ସେଠୀ, ଦୀପକ ଦାସ ଓ ଶୁଭଜିତ ଶୁଭଙ୍କର ରାଉତ ପରିଚାଳନା କରିଥିଲେ। ଡ. ସୁଇଟି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଭାରତୀୟ ସଂସ୍କୃତି ଓ ଉତ୍କଳୀୟ ସଂସ୍କୃତି ପରମ୍ପରାରେ କିଭଳି ଭାବେ ମାତାପିତାଙ୍କୁ ପୂଜନ କରାଯାଏ ସେ ସମ୍ପର୍କରେ ବୁଝାଇ ଥିଲେ। ଏଥିରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ରାଉତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଯୋଗ ଦେଇଥିଲେ। ସନାତ୍ନି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## କୁରାଡିହା ଏକାଦଶ ଚାମ୍ପିୟନ

### ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ

ମୋରଡ଼ା,୧୪।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଭଦୁଆଶୋଳ ଫାଇଟର ଟିମ୍‌କୁ ହରାଇ କୁରାଡିହା ଏକାଦଶ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋରଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର



ଖେଳାଳିଙ୍କ ସହ ବରିଷ୍ଠ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର।

ମହାପାତ୍ର ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅକ୍ଷୟ ମହାନ୍ତ,ଜୀବନ ମହାନ୍ତ, ଚନ୍ଦନ ମହାନ୍ତ, ଜୟଜିତ କାଳନ୍ଦୀ, ସତ୍ୟହରି ମହାନ୍ତ, ସପନ ମହାନ୍ତ, ନକୁଳ ମହାନ୍ତ ଏବଂ ଯୁବକ ସଂଘର ଅନ୍ୟ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା, ୨ ଗୁରୁତର

ବାଙ୍ଗିରିପୋଷି,୧୪।୨(ସଞ୍ଜୟ କୁମାର ଅଗ୍ରୱାଲା): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ଦୁର୍ଘଟଣା ଯୋଗୁ ୨ଜଣ ଗୁରୁତର ହେଇଛନ୍ତି। ଏକ ବାଇକ୍‌ରେ ତାଳବନ୍ଧ ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ପୁଅ ସାଉନା (୩୦) ଏବଂ ସମ୍ପର୍କୀୟ ଭଉଣୀ ସୁଗଦା ମୁର୍ମୁଙ୍କ ଝିଅ ବାଲି ମୁର୍ମୁ (୨୫) ଘାଟି ରାସ୍ତା ଦେଇ ବିଶୋଇକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କଣ୍ଟେନର ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବାଙ୍ଗିରିପୋଷି ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ପୂଜା ପାଇଲେ ବିଦ୍ୟାଦାତ୍ରୀ ସରସ୍ୱତୀ

ବାରିପଦା,୧୪।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସହରରେ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ,କଲେଜ ଓ କ୍ଲବ ଗୁଡ଼ିକରେ ପୂଜା ଯଥାବିଧି କରାଯାଇଛି। ଛାତ୍ରୀଛାତ୍ର, ଶିକ୍ଷାବିତ ତଥା ଯୁବତୀଯୁବକମାନେ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଛନ୍ତି। ବାରିପଦା ସହର ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଦୀର୍ଘ ୬ ବର୍ଷ ଧରି ସରସ୍ୱତୀ ପୂଜା ବଜାୟ ରଖିଛି। ମା' ସରସ୍ୱତୀ ଆବାହନ ମନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ୨୦୧୮ ମସିହାରେ ୩ରୁ ୪ଜଣ ସଦସ୍ୟ ସଙ୍ଗଠିତ ହୋଇ ୫ ହଜାର ଟଙ୍କା ବ୍ୟୟ ଅଟକଳରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ। ବର୍ଷକୁ ବର୍ଷ ଏହି ପୂଜାର ଆକର୍ଷଣ ବଢ଼ିବା ସହ ବର୍ତ୍ତମାନ ବଜେଟ ୧ ଲକ୍ଷ ଟଙ୍କାକୁ ଛୁଇଁଛି। ପୂଜା କମିଟି ସମ୍ପାଦକ ବିଶାଖ ମହାନ୍ତିଙ୍କ ସୂଚନା ମୁତାବକ, ଗତ ୬ ବର୍ଷ ହେଲା ସ୍ଥାୟୀ ଭାବେ ମା' ସରସ୍ୱତୀ ପୂଜା ପାଇ ଆସୁଛନ୍ତି। ବର୍ତ୍ତମାନ କମିଟିରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଛନ୍ତି। ସମସ୍ତଙ୍କ ସହଯୋଗରେ ଏହି ପୂଜା ଶାନ୍ତିଶୃଙ୍ଖଳାରେ ହେଉଥିବା କମିଟି ସଭାପତି ଦେବବ୍ରତ ଦେ କହିଛନ୍ତି। କମିଟିର କର୍ମକର୍ତ୍ତା ଜୟେଷ ପାତ୍ର, ଚନ୍ଦନ ପାଣି , ଅଭିଶେକ ଦେ , ଲକ୍ଷ୍ମାନ ସାହୁ , ଅଜୟ ବାରିକ ଓ କୁମର ରାକେଶ ପୂଜା ସମ୍ପାଦନରେ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।

## ପାଟିକାଙ୍କ ଅକାଳ ବିୟୋଗ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ଗ୍ରାମର ଜଣେ ଯୁବତୀଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ମୃତ ଯୁବତୀ ହେଲେ ମାନତୀ ପଇଦା(୩୪)। ସେ କପୁଣ୍ଡି ୟୁଜିଏମ୍‌ଇ ସ୍କୁଲରେ ପାଟିକା ଭାବେ କାର୍ଯ୍ୟ କରୁଥିଲେ। ମାନତୀ ସନ୍ଧ୍ୟାରେ ସମ୍ପର୍କୀୟଙ୍କ ବାରଣ୍ଡାରେ ବସିଥିବା ବେଳେ ଟଳି ପଡ଼ିଥିଲେ। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ଉଚ୍ଚ ରକ୍ତ ଚାପ ଥିଲା ବୋଲି ପରିବାର ଲୋକେ କହିଛନ୍ତି। ପାଟଣା ଥାନାରେ ମାମଲା (ନଂ. ୧୧/୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ବିଦ୍ୟ ପ୍ରଧାନ କହିଛନ୍ତି।

# କେନ୍ଦୁଝର

## ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଯୋଡ଼ା,୧୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ବିଭିନ୍ନ ସ୍ଥାନରେ ପୁଲୱାମା ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗତ ୧୪ ଫେବୃଆରୀ ୨୦୧୯ରେ ଜମ୍ମୁର ପୁଲୱାମାଠାରେ ବୋମା ବିସ୍ଫୋରଣରେ ୪୦ ଯବାନ ଶହୀଦ ହୋଇଥିଲେ। ତାଙ୍କ ସ୍ମୃତିରେ ସମଗ୍ର ଦେଶ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଥିବା ବେଳେ ବୁଧବାର ସନ୍ଧ୍ୟାରେ ବନେଇକଳା ବ୍ଲକ୍ ଛକ, ଆଜାଦବସ୍ତି ଅଞ୍ଚଳ ସହ ଧରଣୀଧର ଛକ ଏବଂ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଯୁବକ ଓ ମହିଳାମାନେ ଶହୀଦ ଯବାନ ଅମର ରହେ ସ୍ଲୋଗାନ ସହ ଶ୍ରଦ୍ଧାଞ୍ଜଳି ଓ କ୍ୟାଣ୍ଡେଲ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପ୍ରତିମୂର୍ତ୍ତି ନିକଟରେ ଦେଶର ବୀର ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## 'ମିଶନ ଶକ୍ତିକୁ ସୁଦୂରପ୍ରସାରୀ କରିବାକୁ ନେଇ ଗୁରୁତ୍ୱ'

### ମିଶନଶକ୍ତି ଉପଦେଷ୍ଟାଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)


ମିଶନଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଓ ମିଶନ ଶକ୍ତି ମହିଳାମାନେ।

ମିଶନଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ମଙ୍ଗଳବାର କେନ୍ଦୁଝର ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ, ଫେଡେରେସନର କର୍ମକର୍ତ୍ତା ତଥା ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ମିଶନଶକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଅଧିକ ସୁଦୂରପ୍ରସାରୀ କରିବା ଦିଗରେ ଗୁରୁତ୍ୱ ଆରୋପ କରିଛନ୍ତି। ଗସ୍ତ ଅବସରରେ ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ମିଲେଟ କାଫେର ପରିଚାଳନା ପର୍ଯ୍ୟବେକ୍ଷଣ କରିଥିଲେ। ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଥିଲେ, ଓଡ଼ିଶାରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ, ମହିଳାମାନଙ୍କର ସାମଗ୍ରିକ ବିକାଶ ପାଇଁ ଗୋଟିଏ ଯୋଜନାରୁ ଆରମ୍ଭ ହୋଇଥିଲା ମିଶନଶକ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାନସ କନ୍ୟା ମିଶନ ଶକ୍ତି ଆଜି ଏକ ବିଭାଗରେ ପରିଣତ ହୋଇଛି। ଓଡ଼ିଶା ପ୍ରଥମ ରାଜ୍ୟ ଯେଉଁଠି ମିଶନଶକ୍ତି ଏକ ସ୍ୱତନ୍ତ୍ର ବିଭାଗ ଭାବେ ଗଠିତ ହୋଇଛି। ବିଭାଗରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଛନ୍ତି। ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି। ସଦର ବ୍ଲକ୍ ସଭାଗୃହ, ଘଟଗାଁ ମିଶନଶକ୍ତି ଭବନଠାରେ କମ୍ୟୁନିଟି କ୍ୟାଡର, ବ୍ଲକ ଲେବେଲ ଫେଡେରେସନ ଏବଂ ଏସଏଚ୍‌ସି ମା'ମାନଙ୍କ ସହ ମିଶନଶକ୍ତି କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗ ସହିତ କନଭରଜେନ୍ସ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମରେ ମା'ମାନେ କିପରି ସାମିଲ ହୋଇଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ସଦର ବ୍ଲକ୍‌ର ଡିମ୍ବୋ ଗ୍ରାମରେ ବଡି ପ୍ରସ୍ତୁତି କେନ୍ଦ୍ର, ନରଣପୁରଠାରେ ଟେଲରିଂ ୟୁନିଟ୍, ଘଟଗାଁ ବ୍ଲକ୍‌ର ପୋଇପାଣିଠାରେ ଛତୁ ଚାଷ, ପଇଦାପାଟଣାଠାରେ ଛତୁ ଚାଷ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ, ବାଟ ହରିଚନ୍ଦନପୁରଠାରେ ଟେରାକୋଟା କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷଣ କରି ଉତ୍ପାଦକ ଗୋଷ୍ଠୀ/କର୍ମକର୍ତ୍ତାଙ୍କ ସହ ମିଶନଶକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ମିଶନଶକ୍ତିର ଜିଲା ସଂଯୋଜକ ତଥା ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପ୍ରବନ୍ଧକ ଶିଶିର କୁମାର ଷଡଙ୍ଗୀ ମିଶନଶକ୍ତି ଉପଦେଷ୍ଟାଙ୍କ କେନ୍ଦୁଝର ଗସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଓଡ଼ିଶା ଷ୍ଟେଟ୍ ପାରା ସୁଇମିଂ ଚାମ୍ପିୟନଶିପ୍‌ରେ ଭାନୁମତିଙ୍କୁ ସ୍ୱର୍ଣ୍ଣ



କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଥିବା ୨ ଦିନିଆ ଓଡ଼ିଶା ରାଜ୍ୟ ପାରା ଆଥଲେଟିକ ପ୍ରତିଯୋଗିତାରେ କେନ୍ଦୁଝରର ଝିଅ ଭାନୁମତି ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଫ୍ରି ଷ୍ଟାଇଲ ୧୦୦ ମିଟର ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ପ୍ରତିଯୋଗିତା ଫେବୃଆରୀ ୧୨ ରୁ ୧୪ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଷ୍ଟେଟ୍ ସିନିୟର ମେନସ୍ ଆଣ୍ଡ ଓମେନ୍ସ ସିଟିଂ ଭଲିବଲ ସିଲେକ୍ସନ ଟ୍ରାଇଲସ ୨୦୨୪ ରେ ମଧ୍ୟ ସେ ଚୟନ ହୋଇ ରାଜ୍ୟ ପାଇଁ ଖେଳିବାକୁ ସୁଯୋଗ ପାଇଛନ୍ତି। ସେ ଗତ ବର୍ଷ ଓଡ଼ିଶା ପାରା ଆଥ୍‌ଲେଟିକ ଚାମ୍ପିଅନସିପ୍‌ରେ ଦୁଇଟି ପଦକ ହାସଲ କରିଥିଲେ। ବିନା ଅଭ୍ୟାସରେ ଡିସ୍‌କସ୍ ଥ୍ରୋରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ସଟ୍‌ପୁଟ୍‌ରେ ତୃତୀୟ ସ୍ଥାନ ଗ୍ରହଣ କରି ପଦକ ହାସଲ କରିଛନ୍ତି। ଜାଭେଲିନ ଥ୍ରୋରେ ଚତୁର୍ଥ ସ୍ଥାନ ଗ୍ରହଣ କରି ପଦକ ପାଇବାରେ ବଞ୍ଚିତ ହୋଇଥିଲେ। ସୂଚନାଯୋଗ୍ୟ, ଭାନୁମତିଙ୍କ ଘର ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତର ଟିକରପଡ଼ା ଗ୍ରାମରେ। ସେ ଯୋଡ଼ା ପୌରପାଳିକାରେ ଆଉଟ୍ ସୋର୍ସିଂରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାମ କରୁଥିବା କହିଛନ୍ତି। ସେହି ରୋଜଗାରରେ ନିଜେ ଓ ପରିବାର ଚଳାଇ ଆସୁଥିବା କହିଛନ୍ତି। ତାଙ୍କ ପ୍ରତିଭା ପାଇଁ ଗତ ମାସ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା

### କେନ୍ଦ୍ରୀୟ ହାରରେ ଦରମା ଦାବି

କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଦେଇ ଯାଇଥିବା ମୁମ୍ବାଇ-କୋଲକାତା ଜାତୀୟ ରାଜପଥ ନଂ. ୪୯ର ଖିରେଇଟାଙ୍ଗିରି ଟୋଲ୍‌ପ୍ଲାଜାର ୫୫ରୁ ଊର୍ଦ୍ଧ୍ୱ କର୍ମଚାରୀ ମଙ୍ଗଳବାର ଟୋଲ୍‌ପ୍ଲାଜା ଅଫିସ୍ ଆଗରେ ଧାରଣାରେ ବସିଥିଲେ। ସେମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ଟୋଲପ୍ଲାଜା ଟଙ୍କା ଆଦାୟ ଲାଗି ଲିଜ୍ ନେଇଥିବା ଠିକା ସଂସ୍ଥା ସେମାନଙ୍କ ଦାବି ପ୍ରତି ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ଅନେକ ଦରଖାସ୍ତ ଦେବା ପରେ ମଧ୍ୟ ନୀରବ ରହୁଛନ୍ତି। ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ନେଇ କର୍ମଚାରୀଙ୍କୁ କୁଶଳୀ, ଅଣକୁଶଳୀ ହିସାବରେ ନିର୍ଣ୍ଣୟ କରି କେନ୍ଦ୍ରୀୟ ହାରରେ ଦରମା ମିଳୁନାହିଁ। ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ମଧ୍ୟ ତୁରନ୍ତ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏହାର ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏନ୍‌ଏଚ୍‌ଏଆଇ ପକ୍ଷରୁ ୩ ଦିନ ଭିତରେ ଏହାର ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଟୋଲ ଆଦାୟ ଦାୟିତ୍ୱରେ ଥିବା ସଂସ୍ଥା କିଛି କର୍ଣ୍ଣପାତ କଲା ନାହିଁ। ଉକ୍ତ ଠିକାସଂସ୍ଥାକୁ ବିରୋଧ ଏବଂ ନିଜ ହକ୍ ଦାବିରେ କର୍ମଚାରୀମାନେ ସମୂହ ଧାରଣାରେ ବସିଛନ୍ତି ବୋଲି ଜ୍ୟୋତି ରଞ୍ଜନ ନାୟକ କହିଛନ୍ତି। ସ୍ଥାନୀୟ ଲୋକେ ଏହି ନିଯୁକ୍ତି ପାଇ କାମ କରି ଆସୁଛନ୍ତି। ସଂସ୍ଥା ପକ୍ଷରୁ ବାହାରୁ ଆଣି କର୍ମଚାରୀଙ୍କୁ ନିୟୋଜିତ କରି କାମ ଚାଲୁଥିବାରୁ ଏହାକୁ ନେଇ ସେହି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ବିଳମ୍ବିତ ରାତିରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

## ମମତା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ

### ଭାଜପା ମହିଳା ମୋର୍ଚ୍ଚାର ନୂତନ ଜିଲା ଟିମ୍ ଗଠିତ

କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଭାଜପା ମହିଳା ମୋର୍ଚ୍ଚାର ନୂତନ ଜିଲା ଟିମ୍ ଗଠିତ ହୋଇଛି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଓ କେନ୍ଦୁଝର ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅନୁମୋଦନ କ୍ରମେ ମମତା ସିଂ ସଭାନେତ୍ରୀ ହୋଇଛନ୍ତି। ଉପସଭାପତି ଭାବେ ଦୀପ୍ତି ସାହୁ, ଝରଣା ମହାନ୍ତ, ଗୀତାଞ୍ଜଳି ମହାନ୍ତ, ସମ୍ବାରି ମୁଣ୍ଡା (ଚମ୍ପୁଆ), ସାଧାରଣ ସମ୍ପାଦିକା ସମ୍ବାରି ମୁଣ୍ଡା(ପାଟଣା), ଚପଳା ମହାକୁଡ଼, ଜିଲା ସମ୍ପାଦକ ଦୀପ୍ତିମୟୀ ଖୁଣ୍ଟିଆ, ପ୍ରଣତି ପରିଡ଼ା, ପାୟଲ ଦେବଗନ, ତୃପ୍ତିମୟୀ ଜେନା, ମଞ୍ଜରୀ ମୁର୍ମୁ ଓ କୋଷାଧ୍ୟକ୍ଷ ଭାବେ ଦୀପାଞ୍ଜଳି ଭୂୟାଁଙ୍କୁ ଦାୟିତ୍ୱ ମିଳିଛି। ଜିଲା ଭାଜପା ମହିଳା ମୋର୍ଚ୍ଚାର ସମସ୍ତ ଜିଲା କାର୍ଯ୍ୟକାରିଣୀ ସଦସ୍ୟାଙ୍କ ସମେତ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ପ୍ରକୋଷ୍ଠ ସଂଯୋଜିକାଙ୍କ ନାମ ଘୋଷଣା ହୋଇଥିବା ଭାଜପା ମିଡିଆ ସେଲ୍ ତରଫରୁ ସୂଚନା ଦିଆଯାଇଛି।

## କୃଷି କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ): ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। କ୍ୟାଡ଼ର ପୁନର୍ଗଠନ, ଗ୍ରେଡ୍ ପେ ଆଦି ୬ ଦଫା ଦାବିରେ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୦ ତାରିଖଠାରୁ କୃଷି ଭବନ, ଭୁବନେଶ୍ୱରଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆଲୋଚନା ମାଧ୍ୟମରେ ସଂଘ ପକ୍ଷରୁ ଆଗତ କ୍ୟାଡ଼ର ପୁନର୍ଗଠନ ପ୍ରସ୍ତାବ ଉପରେ ସାମାନ୍ୟ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଏପରିକି ଆନ୍ତମନ୍ତ୍ରୀ ମଣ୍ଡଳ କମିଟିକୁ କ୍ୟାଡ଼ର ପୁନର୍ଗଠନ ପ୍ରସ୍ତାବର ସବିଶେଷ ତଥ୍ୟ ପ୍ରଦାନ କରାଗଲା ନାହିଁ। ରାଜ୍ୟର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଗତ ୮ ତାରିଖଠାରୁ ୧୨ ପର୍ଯ୍ୟନ୍ତ ବ୍ୟକ୍ତିଗତ ମୋବାଇଲକୁ କୌଣସି ସରକାରୀ ସେବା ନିମନ୍ତେ ବ୍ୟବହାର କରି ନ ଥିଲେ। ଏହା ସତ୍ତ୍ୱେ କର୍ତ୍ତୃପକ୍ଷ ଉଦାସୀନ ରହିଥିବାରୁ ଶାନ୍ତିପୂର୍ଣ୍ଣ ଧାରଣା ଦେବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜିଲା ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, ଉପ ସଭାପତି ବେଦବ୍ୟାସ ନାୟକ, ସହ ସମ୍ପାଦକ ସାନୁଆନ ଖାନ୍‌ଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରୂପକ ଦାସ, ସଂଗଠନ ସମ୍ପାଦକ ସଦାନନ୍ଦ ମଲ୍ଲିକ, ଅରୁଣ ପରିଡ଼ା, କୋଷାଧ୍ୟକ୍ଷ ଜଗନ୍ନାଥ ପରିଡ଼ା, ସହ ସଂଗଠନ ସମ୍ପାଦକ ଅରୁଣ ପରିଡ଼ାଙ୍କ ସମେତ ୫୨ କୃଷି କର୍ମଚାରୀ ଗଣଧାରଣାରେ ସାମିଲ ହୋଇଛନ୍ତି।

## ମାତୃପିତୃ ପୂଜନ ଦିବସ

ଯୋଡ଼ା,୧୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ଯୋଡ଼ାର ବିଭିନ୍ନ ବିଦ୍ୟାଳୟ, ହଟିଂରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଡ଼ାର ହିଲ୍ ଟପ୍ ପ୍ରାଇମେରୀ ସ୍କୁଲ, ଯୋଡ଼ା ବସ୍ତି ସ୍କୁଲ, ତଳକ ହଟିଂ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ, ବନେଇକଳା ପ୍ରାଇମେରୀ ସ୍କୁଲ, ଯୋଡ଼ା ଇଷ୍ଟ ଏମ୍‌ଇଓୟୁପି ସ୍କୁଲ କୁନ୍ଦୁରୁ ନାଲା ପ୍ରାଇମେରୀ ସ୍କୁଲ, ହୁଡ଼ି ସାହି କଲୋନୀ, ପ୍ରଭୃତି ସ୍କୁଲରେ ମାତୃ ପିତୃ ପୂଜନ କରାଯାଇଛି। ଏହାକୁ ସମିତି ସମ୍ପାଦକ ରଶ୍ମି ରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଫେବୃଆରୀ ୧୪ ତାରିଖ ଭାଲେଣ୍ଟାଇନ ଡେ ପରିବର୍ତ୍ତେ ମାତୃ ପିତୃ ପୂଜନ ଦିବସ ସମଗ୍ର ଦେଶରେ ପାଳନ କରିବା ପାଇଁ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଆରମ୍ଭ କରାଯାଇଥିଲା। ଯାହାକୁ ଦୀର୍ଘ ବର୍ଷ ହେବ ଦେଶ ବିଦେଶରେ ପାଳନ କରାଯାଉଥିବା ସମିତି ସଭାପତି ପ୍ରକାଶ କୁମାର ମହାପାତ୍ର କହିଛନ୍ତି।

# ଭଦ୍ରକ

## ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ଧାମନଗର,୧୪।୨(ଦେବେନ୍ଦ୍ର ଆଢ଼ିଆ): ଭଦ୍ରକ ଜିଲା ଧାମନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ 'ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବନମାଳୀ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧାମନଗର ଥାନା ଏସ୍‌ଆଇ ପ୍ରଦୀପ କୁମାର ନାୟକ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ତାଲିମ ପ୍ରଶିକ୍ଷିକା ସରୋଜିନୀ ମାଝୀ, ଲୋପାମୁଦ୍ରା ରାଉତ ଓ ସୁଭଦ୍ରା ମଲ୍ଲିକ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦେବା ସହିତ ଛାତ୍ରୀମାନଙ୍କୁ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲେ। ପ୍ରଧାପକ ମହମ୍ମଦ ଇସ୍ରାଇଲ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ, କାର୍ଯ୍ୟକ୍ରମ ସଂଯୋଜିକା ଡ. ବିଶ୍ୱଜିତା ବାରିକ ଓ ଡ. ସାଜିଆ ତମକୀନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ତାଲିମ ପ୍ରାପ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ମନୋଜ କର, ଡ. ପ୍ରଶାନ୍ତ ପରି, ଡ. ଦେବାଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ଦଫା ଦାବିରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା

ଭଦ୍ରକ,୧୪।୨(ସନାତନ ରାଉତ)


ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା।

ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ କ୍ୟାଡ଼ର ପୁର୍ନଗଠନ, ଗ୍ରେଡ୍ ପେ ପରିବର୍ତ୍ତନ, ପଦବୀର ନାମ ପରିବର୍ତ୍ତନ ଆଦି ୬ ଦଫା ଦାବି ନେଇ କର୍ମଚାରୀମାନେ ଭଦ୍ରକ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାରଠାରୁ ଧାରଣାରେ ବସିଛନ୍ତି। ଧାରଣା ୧୩ ରୁ ୨୦ ତାରିଖ ପର୍ଯ୍ୟନ୍ତ ଦିଆଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କୃଷି ବିଭାଗର ମେରୁଦଣ୍ଡ ଭାବେ ଗ୍ରାମ୍ୟ କୃଷି କର୍ମଚାରୀମାନେ କାର୍ଯ୍ୟ କରନ୍ତି। ଏହି ଦାବିପୂରଣ ପାଇଁ ବାରମ୍ବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସରକାର ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଗତ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନେ ସେମାନଙ୍କର ବ୍ୟକ୍ତିଗତ ମୋବାଇଲ ସରକାରୀ ସେବାରେ ବ୍ୟବହାର କରି ନ ଥିଲେ। ଶେଷରେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ଜିଲା ସଂଘ ସଭାପତି ଶିବନାରାୟଣ ପାଣି କହିଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର କୃଷି ଭବନ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲା ସଂଘର ଅଧ୍ୟକ୍ଷ ଆଲୋକ କୁମାର ନାୟକ, ଉପଦେଷ୍ଟା ଆଲୋକ ମଲ୍ଲିକ, ପ୍ରମୋଦ ନାୟକ, ଉପସଭାପତି ବିକ୍ରମାଦିତ୍ୟ ନାୟକ, କେଦାର ବେହେରା, ନଗେନ ପଣ୍ଡା, ସନ୍ତୋଷ ମହାନ୍ତି, ବାସନ୍ତୀଲତା ସ୍ୱାଇଁ, ଅଜୟ ଦାସ, ଭୀମସେନ ସାମଲ, ଶିବ ମୁର୍ମୁ, ନିରୁପମା ନାୟକ, ମମତା ମଞ୍ଜରୀ ସେଠୀ, ରାଜ୍ୟ ସଂଘର କର୍ମକର୍ତ୍ତା ରାମଚନ୍ଦ୍ର ମୁର୍ମୁଙ୍କ ସମେତ ଜିଲାର ୭ଟି ବ୍ଲକ୍‌ର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ବିଭିନ୍ନ ସ୍ଥାନରେ ମା' ବାଗ୍‌ଦେବୀଙ୍କୁ ଆରାଧନା

ଭଦ୍ରକ,୧୪।୨(ସନାତନ ରାଉତ)


ଲୋକନାଥ ମନ୍ଦିର ପରିସର ମା' ସରସ୍ୱତୀ ମନ୍ଦିରରେ ପୂଜାର୍ଚ୍ଚନା।

ଭଦ୍ରକ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ସଂଘରେ ବୁଧବାର ମା' ବାଗ୍‌ଦେବୀଙ୍କୁ ଆରାଧନା କରାଯାଇଛି। ଭଦ୍ରକ ସହରର ଲୋକନାଥ ମନ୍ଦିର ପରିସରରେ ଥିବା ମା' ସରସ୍ୱତୀ ମନ୍ଦିରରେ ସକାଳୁ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଛି। ପୂଜକ ବିଜୟ ପାଣି ପୂଜାର୍ଚ୍ଚନା କରିଥିବା ବେଳେ ଶହ ଶହ ସଂଖ୍ୟାର ଶ୍ରଦ୍ଧାଳୁ ପୁଷ୍ପାଞ୍ଜଳି ଦେବାକୁ ଭିଡ଼ ଜମାଇଥିଲେ। ସକାଳଠାରୁ ମା'ଙ୍କ ଦର୍ଶନ ପାଇଁ ମନ୍ଦିର ପରିସରରେ ଭିଡ଼ ଲାଗିଥିଲା। ସେହିପରି ଭଦ୍ରକ ଡାକମଣ୍ଡଳ, ଭଦ୍ରକ କଲେଜ, ମହିଳା ମହାବିଦ୍ୟାଳୟ, ଜିଲା ସ୍କୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ ଆଦି ବିଭିନ୍ନ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଛି। ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତର ସରମରାରେ ୟୁନାଇଟେଡ଼ କ୍ଲବ୍, ଆସମିଶ କ୍ଲବ୍, ଜୟକିଷାନ, ସରସ୍ୱତୀ ୟୁଥ୍ କ୍ଲବ୍ ପକ୍ଷରୁ ଆଡମ୍ବରରେ ପୂଜା ଆୟୋଜନ କରାଯାଇଛି। ୭ ଦିନ ଧରି ଏହି ମଣ୍ଡପରେ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ମହିଳା ଭାଙ୍ଗିଲେ ମଦ ବୋତଲ

ଭଦ୍ରକ,୧୪।୨(ସନାତନ ରାଉତ)- ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଭଗାରାମ ଗ୍ରାମରେ ଚୋରାରେ ବିକ୍ରି ପାଇଁ ଥିବା ମଦ ବୋତଲକୁ ଗାଁର ଯୁବତୀ ଓ ମହିଳାମାନେ ସଂଘବଦ୍ଧ ଭାବେ ଭାଙ୍ଗିଛନ୍ତି। ସୂଚନା ମୁତାବକ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଘରେ ଚୋରା ମଦ ରଖି ବେଆଇନ ଭାବେ ବିକ୍ରି କରୁଥିଲେ। ଯାହାଦ୍ୱାରା ଗାଁର ଯୁବକମାନେ ବିପଥଗାମୀ ହେଉଥିଲେ। ବୁଧବାର ସରସ୍ୱତୀ ପୂଜା ଥିବାରୁ ମଦ ପିଇ କେତେଜଣ ଲୋକ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅପରାହ୍ନରେ ଗାଁର କେତେଜଣ ଯୁବତୀ ଓ ମହିଳା ଉକ୍ତ ବ୍ୟକ୍ତିଙ୍କ ଘରେ ପଶି ପେଟି ଓ ବସ୍ତାରେ ଗଚ୍ଛିତ ଥିବା ବିଦେଶୀ ମଦ ବୋତଲକୁ ଆଣି ଗାଁ ମଝିରେ ପିଟି ଭାଙ୍ଗିଥିଲେ।

## ଭାଜପା, ବିଜେଡିର ବିବାହ କରାଇଲା କଂଗ୍ରେସ

### ବାସୁଦେବପୁର ମୁଖ୍ୟ ବଜାରରେ ରାଜନୈତିକ ଡ୍ରାମା

ବାସୁଦେବପୁର,୧୪।୨ (ନାରାୟଣ ପ୍ରସାଦ ବାରିକ୍)


ଭାଜପା ଓ ବିଜେଡ଼ି ମଧ୍ୟରେ ବିବାହ ଉତ୍ସବ।

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ବଜାର ନିକଟସ୍ଥ ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନାରେ ବୁଧବାର ରାଜନୈତିକ ଡ୍ରାମା ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାବଣା ସରକାର ଚାଲିଥିବା ଅଭିଯୋଗ କରି ବାସୁଦେବପୁର କଂଗ୍ରେସ ପକ୍ଷରୁ ଭାଜପା ଓ ବିଜେଡ଼ି ମଧ୍ୟରେ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣରେ ବିବାହ ଉତ୍ସବ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଓ ତାଙ୍କ ସମର୍ଥକ ଉପସ୍ଥିତ ରହି ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୁରୋହିତ ଭାବେ ମନୋରଞ୍ଜନ ଦାସ ମନ୍ତ୍ର ଉଚ୍ଚାରଣ କରି ବିବାହ କରାଇଥିଲେ। ଦୁଇଜଣ କଂଗ୍ରେସ କର୍ମୀ ଭାଜପା ଓ ବିଜେଡ଼ି ଦଳୀୟ ଚିହ୍ନ ଥିବା ମୁଖା ପିନ୍ଧି ବର ଓ ବୋହୂ ବେଶରେ ବେଦୀରେ ବସିଥିଲେ। ବର-ବୋହୂଙ୍କ ପାଖରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମୁଖା ପିନ୍ଧି ୨ ଜଣ ବସିଥିବା ଦେଖିବାକୁ ମିଳିଥିଲା। ବିବାହ ଉତ୍ସବରେ ବରବୋହୂଙ୍କ ହାତଗଣ୍ଠି ପଡ଼ିବା, ସିନ୍ଦୂର ପିନ୍ଧା, ଶଙ୍ଖା ପ୍ରଦାନ, ଏପରିକି ବର-ବୋହୂ ପକ୍ଷରୁ କନ୍ୟାପିତା-ବରପିତାଙ୍କ ମଧ୍ୟରେ ସମୁଦି ମିଳନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବଜାରରେ ଏପରି ବିବାହ ଉତ୍ସବ ଦେଖିବାକୁ ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା। ଖୁବ୍‌ଶୀଘ୍ର ଆଗାମୀ ନିର୍ବାଚନରେ ଏହି ଦୁଇ ଦଳକୁ ଭୋଟର ଓ ଜନସାଧାରଣ ଉଚିତ ଜବାବ ଦେବା ସହ ସେମାନଙ୍କ ଅସଲି ମୁଖା ଖୋଲିଦେବେ ବୋଲି ଜିଲା କଂଗ୍ରେସ ସଭାପତି ଦାସ କହିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ, ଅଭିଯୁକ୍ତ ଗିରଫ

ଭଦ୍ରକ,୧୪।୨(ସନାତନ ରାଉତ)

ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ଭଦ୍ରକ ଟାଉନ ପୋଲିସ ପ୍ରମୋଦ ଦାସ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ମଙ୍ଗଳବାର ସନ୍ଧ୍ୟା ୯ଟା ସମୟରେ ନୂଆବଜାର ବସ୍‌ଷ୍ଟାଣ୍ଡ ନିକଟରେ ଏକ ମୋବାଇଲ ଦୋକାନରୁ ମୋବାଇଲ ଡିଆରି କରି ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପଛପଟ ରାସ୍ତାରେ ଘରକୁ ଫେରୁଥିବା ବେଳେ ଉକ୍ତ ଯୁବକ ତାଙ୍କୁ ଅଟକାଇ ଅସଦାଚରଣ ଉଦ୍ୟମ କରିଥିବା ନାବାଳିକାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପ୍ରମୋଦଙ୍କୁ ଥାନାକୁ ଆଣିଥିଲା। ଏନେଇ ମାମଲା (ନଂ.୯୧/୨୪) ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି କହିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ବଦଳାଇଛି ଗାଁର ଚିତ୍ର

ବାସୁଦେବପୁର,୧୪।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଚୁଡ଼ାମଣି ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟ ଓ ସରକାରୀ ଯୋଜନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଗାଁ ଗହଳିର ଚିତ୍ର ଓ ରୂପରେଖ ବଦଳାଇ ଦେଇଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଅଗଣୀ ପ୍ରସାଦ ଜେନା, ପୂର୍ବତନ ସରପଞ୍ଚ ସୁବୋଧ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଭାଗୀରଥି ସାମଲ, ସମିତିସଭ୍ୟ ମମତା ନାୟକ, ସାମାଜିକକର୍ମୀ ପ୍ରକାଶ ଚନ୍ଦ୍ର ପରିଡ଼ା, ପିଇଓ ସମରେନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ଗଗନ ସେଠୀ ମଞ୍ଚ ସଂଯୋଜନା କରିଥିଲେ।


ଶିବିରରେ ବିଧାୟକ ଅଭିଭାଷଣ ଦେଉଛନ୍ତି।

